# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 March - 2024

### News Editor : Tapan Kumar Moharana

*******************************

## ମୁଖ୍ୟ ସମ୍ବାଦ

- ଚଳିତ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ କରିବା ପାଇଁ ରାଜ୍ୟର ୨୨ ହଜାର ୬୮୫ଟି ବୁଥ୍‌ରେ କରାଯିବ ୱେବ୍ କାଷ୍ଟିଂ
- ସାଧାରଣ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଜିଲ୍ଲାସ୍ତରରେ କୌଣସି ଜନଶୁଣାଣି କରାଯିବ ନାହିଁ ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ
- ଉଚ୍ଚ ନ୍ୟାୟାଳୟ ପରିସରରେ ଆଜି ଅନୁଷ୍ଠିତ ହେଉଛି ରାଷ୍ଟ୍ରୀୟ ଲୋକ ଅଦାଲତ

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୪ଟି ଜିଲ୍ଲାକୁ କାଳବୈଶାଖୀ ହେବା ନେଇ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## ନିର୍ବାଚନ ପରିଚାଳନା

ରାଜ୍ୟରେ ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଏକ ସର୍ବଦଳୀୟ ବୈଠକରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଛନ୍ତି। ସମଗ୍ର ଦେଶରେ ମୋଟ୍ ୭ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବାବେଳେ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ରାଜ୍ୟରେ ପ୍ରଥମଥର ସାଧାରଣ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ, ଜରୁରୀକାଳିନ ସେବାରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ  ନିୟୋଜିତ ଥିବା ସ୍ଥାନରେ ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା ସ୍ଥାପିତ ସୁବିଧା କେନ୍ଦ୍ରରେ ଡାକ ବାଲାଟ୍ ମାଧ୍ୟମରେ ଭୋଟ୍ ଦେଇ ପାରିବେ। ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ଚଳିତବର୍ଷ ୨୨ ହଜାର ୬୮୫ଟି ବୁଥ୍‌ରେ ୱେବ୍ କାଷ୍ଟିଂର ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନରେ ମାତ୍ର ୧୦ ପ୍ରତିଶତ ବୁଥ୍‌ରେ ୱେବ୍ କାଷ୍ଟିଂ କରାଯାଇଥିବାବେଳେ ଚଳିତଥର ୬୦ ପ୍ରତିଶତ ବୁଥ୍‌ରେ ଏହି ବ୍ୟବସ୍ଥା କରାଯାଇଛି। ଏହା ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲାପାଳ, ଏସ୍‌ପିଙ୍କର ସିଧାସଳଖ ନଜର ରହିପାରିବ। ଯଦି ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀ କୌଣସି ପକ୍ଷପାତିତା କରନ୍ତି ତେବେ ତୁରନ୍ତ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଚାକିରିରୁ ବହିଷ୍କାର କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

## ଆଦର୍ଶ ଆଚରଣ ବିଧି

ରାଜ୍ୟରେ ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବା ପରେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଆଦର୍ଶ ଆଚରଣ ବିଧି ଲାଗୁ କରିବା ନେଇ ଅବଗତ କରାଇଛନ୍ତି। ଏହି ଆଚରଣବିଧି ସାଧାରଣ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ। ତେବେ ଏହି ସମୟ ମଧ୍ୟରେ କୌଣସି ଜିଲ୍ଲା ସ୍ତରରେ ଜନଶୁଣାଣି କରାଯିବ ନାହିଁ। ଆସନ୍ତାକାଲି ଜିଲ୍ଲାପାଳ ଏବଂ ଜିଲ୍ଲା ଏସ୍‌ପିଙ୍କ ଦ୍ୱାରା କରାଯାଉଥିବା ଜନଶୁଣାଣି ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ହେବ ନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଛି।

## ନିର୍ବାଚନ ସମ୍ମିଳନୀ

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଆଜି କେନ୍ଦ୍ରାପଡା ଜିଲାପାଳଙ୍କ ସଦଭାବନା ସଭାଗୃହରେ ଏକ ସାମ୍ବାଦିକ ସମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ନିର୍ବାଚନକୁ କିପରି ଅବାଧ, ମୁକ୍ତ, ନିରପେକ୍ଷ କରିହେବ ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ କେନ୍ଦ୍ରାପଡ଼ା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୂଚନା ଦେଇଥିଲେ। ଜିଲ୍ଲାରେ ମେ’ ମାସ ୭ ତାରିଖରେ ନାମାଙ୍କନ ପତ୍ର ଦାଖଲ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାବେଳେ ୧୪ ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ରହିଛି। ୧୫ ତାରିଖରେ ନାମାଙ୍କନ ପତ୍ର ଯାଁଚ, ୧୭ରେ ନାମାଙ୍କନ ପତ୍ର ପ୍ରତ୍ୟାହାର କରାଯାଇ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ଜୁନ ମାସ ୧ ତାରିଖ ଦିନ ଜିଲାରେ ଭୋଟଗ୍ରହଣ କରାଯିବ। କେନ୍ଦ୍ରାପଡା ଲୋକସଭା ଆସନରେ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି।

## ଆଚରଣ ବିଧି-ଢେଙ୍କାନାଳ

ସେହିପରି ଢେଙ୍କାନାଳ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର ଭୋଟର ସଂଖ୍ୟା ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶନାମା ଓ ମତଦାନ କେନ୍ଦ୍ର ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରାଯିବା ସହ ଜିଲ୍ଲାରେ ଅବାଧ ଓ ନିରପେକ୍ଷ ନିର୍ବାଚନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ମୋଟ ୯ ଲକ୍ଷ ୨୯୭ ଭୋଟର ଚଳିତ ନିର୍ବାଚନରେ ନିଜର ମତାଧିକାର ସାବ୍ୟସ୍ତ କରିବେ।

## ଆଚରଣ ବିଧି ଲାଗୁ-ଭଦ୍ରକ

ଆଗାମୀ ସାଧାରଣ ନିର୍ବାଚନର ସୁପରିଚାଳନା ନେଇ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚତୁର୍ଥ ପର୍ଯ୍ୟାୟରେ ଭଦ୍ରକ ଜିଲ୍ଲାରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ୨୫ ହଜାର ୯୧୫ ଜଣ ନୂତନ ଭୋଟର ସାମିଲ ହୋଇଥିବାବେଳେ ମୋଟ୍ ୧୨ ଲକ୍ଷ ୬୪ ହଜାର ୨୨୦ ଜଣ ମତଦାତା ନିଜର ମତ ସାବ୍ୟସ୍ତ କରିବେ।

## ଆଚରଣ ବିଧି ଲାଗୁ

ନିର୍ବାଚନ ଆଦର୍ଶ ଆଚରଣବିଧି ଲାଗୁ ହେବା ପରେ ରାସ୍ତାଘାଟ ଛକ ବଜାରରେ ଏବଂ ବିଭିନ୍ନ କାର୍ଯ୍ୟାଳୟରେ ଲାଗିଥିବା ରାଜନୈତିକ ହୋର୍ଡିଂକୁ ତୁରନ୍ତ ହଟାଯିବା କାର୍ଯ୍ୟ ଆରମ୍ଭ ହୋଇଛି। ନୂଆପଡ଼ା ଜିଲ୍ଲା ଖଡିଆଳ ବିଜ୍ଞପିତ ଅଞ୍ଚଳ ପରିଷଦରେ ସରକାରୀ ଯୋଜନାର ପ୍ରଚାର ଫଳକକୁ ଆଜି କଳା ପଲିଥିନ୍ ଦ୍ୱାରା ଆବଦ୍ଧ କରାଯାଇଛି।

## ଅଯୋଗ୍ୟ ପ୍ରାର୍ଥୀ ତାଲିକା

ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ଅଯୋଗ୍ୟ ପ୍ରାର୍ଥୀ ତାଲିକାରେ ଓଡ଼ିଶାର ୩୫ ଜଣଙ୍କର ନାମ ରହିଛି। ସେମାନଙ୍କ ମଧ୍ୟରୁ ୨୦୧୯ ଲୋକସଭା ପାଇଁ ୩ ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ବିଧାନସଭା ପାଇଁ ୩୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କିନ୍ତୁ ନିର୍ବାଚନ ଖର୍ଚ୍ଚ ବିବରଣୀ ଦାଖଲ କରି ନଥିଲେ। ଫଳରେ ଜନପ୍ରତିନିଧି ଆଇନ୍ ୧୯୫୧ର ଧାରା ୧୦ଏ'ରେ ଏହିସବୁ ପ୍ରାର୍ଥୀଙ୍କୁ ଅନ୍ୟୂନ ୩ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷଣା କରାଯାଇଛି।

## ଲୋକ ଅଦାଲତ

ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଅନୁଷ୍ଠିତ ହେଉଛି। ଏହି ଲୋକ ଅଦାଲତରେ ୯ଜଣ ବିଚାରପତି ମାମଲା ଗୁଡ଼ିକର ଶୁଣାଣି କରିବେ । ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ଲୋକଅଦାଲତ ଆରମ୍ଭ ହୋଇ ମାମଲାର ସମାଧାନ ଉଭୟ ପକ୍ଷ ମଧ୍ୟରେ ଆପୋଷ ବୁଝାମଣା ମାଧ୍ୟମରେ କରାଯିବ । ସୂଚନାଯୋଗ୍ୟ ପୂର୍ବରୁ ଏହି ଲୋକ ଅଦାଲତ ୯ ତାରିଖରେ କରାଯିବାକୁ ସ୍ଥିର ହୋଇଥିଲା । ମାତ୍ର ପରେ ଏହାକୁ ୧୭ତାରିଖ ପାଇଁ ଧାର୍ଯ୍ୟ ହୋଇଥିଲା । ତେବେ, ଗତ ୯ ତାରିଖରେ ରାଜ୍ୟରେ ଥିବା ବିଭିନ୍ନ କୋର୍ଟରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା ।

## କର୍ମଶାଳା

ବଲାଙ୍ଗିର ସହରରେ ଗତକାଲି ଏକ ଚକ୍ଷୁ ସମସ୍ୟା ଓ ନିରାକରଣ ପାଇଁ ଏକ ସ୍ୱାସ୍ଥ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦୦ରୁ ଉର୍ଦ୍ଧ୍ୱ ଆଶାକର୍ମୀ, ଏସ୍.ଏଚ୍.ଜି. ମହିଳାକର୍ମୀ ଓ ଅଙ୍ଗନୱାଡି କର୍ମୀ ଅଂଶଗ୍ରହଣ କରିଥିଲେ। ସୁପ୍ରିମଟାକ୍ସ ଅଧ୍ୟକ୍ଷ ଅଜିତ ପାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ବଲାଙ୍ଗିର ଜିଲ୍ଲାରେ ଲାଗି ରହିଥିବା ଚାଲସିଆ ଚକ୍ଷୁରୋଗ ବ୍ୟାପକ ମାତ୍ରାରେ ବୃଦ୍ଧି ପାଉଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ତେଣୁ ଚକ୍ଷୁ ଚିକିତ୍ସା କରିବା ପରେ ଯଦି ଅସ୍ତ୍ରୋପଚାର ଆବଶ୍ୟକ ହୁଏ ତେବେ ତାହା ମାଗଣାରେ କରାଯିବା ସହ ମାଗଣାରେ ଚଷମା ଯୋଗାଇ ଦିଆଯିବ ବୋଲି ଶ୍ରୀ ପାଲ୍ ପ୍ରକାଶ କରିଛନ୍ତି।

## ସାହିତ୍ୟ ଏକାଡେମୀ–ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଭଦ୍ରକ ପୂଜ୍ୟ ପୂଜା ସଂସଦ ପକ୍ଷରୁ ବିଶିଷ୍ଟ ଔପନ୍ୟାସିକ କବିଶେଖର ଚିନ୍ତାମଣି ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଜିଲ୍ଲା ସଂସ୍କୃତିଭବନଠାରେ ପାଳିତ ହୋଇଯାଇଛି। ପୂଜ୍ୟପୂଜା ସଂସଦ ସଭାପତି କରୁଣାକର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବହୁ ବିଶିଷ୍ଟ ସାହିତ୍ୟିକ ଯୋଗଦେଇ ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ ଧରି କବିଶେଖର ଚିନ୍ତାମଣୀ ଓଡିଆ ସାହିତ୍ୟ ସାଧନାରେ ବ୍ରତୀ ହେବା ସହ ସାହିତ୍ୟ ଭଣ୍ଡାରକୁ ରୁଦ୍ଧିମନ୍ତ କରିଛନ୍ତି ବୋଲି କହିଛନ୍ତି। ଏହି ଅବସରରେ ଶିକ୍ଷାବିତ୍ ଶ୍ରୀବତ୍ସ କର ଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦୁର୍ଘଟଣା

ଜୟପୁରସ୍ଥିତ କୁନ୍ଦୁରା ଥାନା ଖଟଲାପଦର ପୋଲରୁ ଭାରସାମ୍ୟ ହରାଇ ପୋଲ ତଳକୁ ଏକ ବରଯାତ୍ରୀ ଗାଡି ଖସିପଡିବା ଫଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ  ଅନ୍ୟ ୧୨ ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡିଛି ସମସ୍ତ ଆହତମାନେ ଦଳପୁର ଅଂଚଳର ହୋଇଥିବା ସୂଚନା ମିଳିଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି।

ଅନ୍ୟ ଏକ ଘଟଣାରେ ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡ଼ପୁର ସ୍ଥିତ ଏକ କ୍ରସରରେ କାମ କରୁଥିବା ସମୟରେ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଶ୍ରମିକଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। କ୍ରସର ମେସିନ ଚକ ଖୋଲିବାବେଳେ ଏହି ଅଘଟଣ ଘଟିଥିବା ଜଣାପଡିଛି।

## ବନ୍ଦେ ଭାରତ ଟ୍ରେନ୍

ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ବନ୍ଦେ ଭାରତ ଏକ୍ସପ୍ରେସ୍ ଆଜିଠାରୁ ସପ୍ତାହର ସୋମବାର ବ୍ୟତୀତ ଅନ୍ୟ ଦିନ ଗୁଡ଼ିକରେ ଉଭୟ ପଟୁ ଚଳାଚଳ କରିବ । ପୂର୍ବତଟ ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଟ୍ରେନ୍‌ଟି ଭୁବନେଶ୍ୱରରୁ ସକାଳ ୫ଟା ୧୫ ମିନିଟ୍‌ରେ ବାହାରି

ବିଶାଖାପାଟଣାରେ ପୂର୍ବାହ୍ନ ୧୧ଟାରେ ପହଞ୍ଚିବ । ସେହିଭଳି ବିଶାଖାପାଟଣାରୁ ଅପରାହ୍ଣ ୩ଟା ୩୦ରେ ବାହାରି ଭୁବନେଶ୍ୱରରେ ରାତି ୯ଟା ୩୦ରେ ପହଞ୍ଚିବ । ଏହି ସମୟ ମଧ୍ୟରେ ଟ୍ରେନ୍‌ଟି ଖୋର୍ଦ୍ଧା ରୋଡ଼୍, ବାଲୁଗାଁ, ବ୍ରହ୍ମପୁର, ଇଚ୍ଛାପୁରମ, ପଲାସା, ଶ୍ରୀକାକୁଲମରୋଡ଼୍, ବିଜୟନଗରମ ଷ୍ଟେସନରେ ଅଟକିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି ।

## କଳାହାଣ୍ଡି କପ୍

ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ କଳାହାଣ୍ଡି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଆରମ୍ଭ ହେଉଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ପର୍ଯ୍ୟାୟ ଏକଦିବସୀୟ ଫର୍ମାଟ୍‌ରେ ଖେଳାଯିବ। ମୋଟ ୩୮ଟି ଦଳକୁ ନେଇ ୬ଟି ଗ୍ରୁପ୍‌ରେ ଏହାକୁ ବିଭକ୍ତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ କଟକର ବିଭିନ୍ନ ପଡିଆରେ କେବଳ ଡାଇମଣ୍ଡ୍ ଏ ଏବଂ ଗ୍ରୁପ୍ ବି ମ୍ୟାଚ୍ ଖେଳାଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଚଳିତବର୍ଷଠାରୁ ସମ୍ବଲପୁର ୨ଟି ଦଳରେ ବିଭକ୍ତ ହୋଇ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଆଜି ଉଦ୍‌ଘାଟନୀ ମ୍ୟାଚ୍‌ରେ ଭୁବନେଶ୍ୱର ଏ-ପୂର୍ବତଟ ରେଳବାଇ, କଟକ ବି-ଖୋର୍ଦ୍ଧା, ସୁନ୍ଦରଗଡ଼-ସମ୍ବଲପୁର ଏ, କଟକ ଏ-ଝାରସୁଗୁଡ଼ା, ଯାଜପୁର-ଢେଙ୍କାନାଳ, ରାଉରକେଲା ଏବଂ ବାଲେଶ୍ୱର ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ପାଣିପାଗ

ରାଜ୍ୟର ୧୪ଟି ଜିଲ୍ଲାକୁ ଆଜି କାଳବୈଶାଖୀ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ବରଗଡ଼, ସୁବର୍ଣ୍ଣପୁର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, କଟକ, ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୧ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖି ଜନିତ ବର୍ଷା ଲାଗି ରହିବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାଫଳରେ ତାପମାତ୍ରାରେ ମଧ୍ୟ ସାମାନ୍ୟ ହ୍ରାସ ପରିବର୍ତ୍ତିତ ହେବ ।

## ବର୍ଷା

ଗତ ୨୪ ଘଂଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ଼ ହୋଇଛି। କନ୍ଧମାଳ ଜିଲ୍ଲାର ଜି.ଉଦୟଗିରିରେ ସର୍ବାଧିକ ୫୯ ମିଲିମିଟର ବର୍ଷା ରେକର୍ଡ଼ ହୋଇଥିବାବେଳେ, ବରଗଡ଼ ଗାଇସିଲେଟରେ ୫୫, ଗଞ୍ଜାମ ଜିଲ୍ଲାର ବୁଗୁଡ଼ାରେ ୫୩ ମିଲିମିଟର ବର୍ଷା ହୋଇଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।